# ଗୋ-ପାଳନ ପାଇଁ ଘାସଚାଷ

ତୃଣଜାତୀୟ ଖାଦ୍ୟ ବା ଘାସ ଗାଈ ଗୋରୁଙ୍କର ପ୍ରଧାନ ଖାଦ୍ୟ । ଉନ୍ନତ କିସମର ଘାସ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହିତ ଗୋପାଳନ ବ୍ୟବସାୟକୁ ଅଧିକ ଲାଭ ଜନକ କରିଥାଏ । କାରଣ ସବୁଜ ଘାସରେ ଯଥେଷ୍ଟମାତ୍ରାରେ ଶ୍ୱେତସାର, ପୃଷ୍ଟିସାର, ଭିଟାମିନ୍, ଧାତବଲବଣ ଭରପୁର ଥିବାରୁ ଦୁଗ୍ଧ ଉତ୍ପାଦନରେ ସହାୟକ ହେବା ସଙ୍ଗେ ସଙ୍ଗେ ଗାଈମାନଙ୍କର ସ୍ୱାସ୍ଥ୍ୟ ବିକାଶ, ପ୍ରଜନନ ଦକ୍ଷତା ତଥାରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ ।

**ଋତୁକାଳୀନ ଘାସ (ବର୍ଷାଦିନିଆ)**

ଶସ୍ୟଜାତୀୟ
(ମକା, ସୋରଗମ୍, ବାଜରା)

ଛୁଇଁଜାତୀୟ
(ଗୁଆଁର, ବରଗୁଡ଼ି, ରାଇସ୍ ବିନ୍)

**ଋତୁକାଳୀନ ଘାସ (ଶୀତଦିନିଆ)**

ଶସ୍ୟଜାତୀୟ
(ଯବଧାନ)

ଛୁଇଁଜାତୀୟ
(ବରସିମ୍, ଲୁସଣ୍ଡ)

**ଜଳସେଚନର ବ୍ୟବସ୍ଥା ଥିଲେ, ବର୍ଷାଦିନିଆ ଘାସ କିସମ ଗୁଡ଼ିକ ଗ୍ରୀଷ୍ମ ଋତୁରେ ମଧ ଚାଷ କରାଯାଇପାରେ ।**

## ଋତୁକାଳୀନ ଘାସ ଚାଷ ପ୍ରଣାଳୀ

- ଉଚ୍ଚା ନିଗିଡ଼ା ଜମି ଚୟନ କରିବା ଆବଶ୍ୟକ
- ଜମିକୁ ହଳକରି ମାଟିଗୁଣ୍ଡ କରିବା ଓ ଏକର ପ୍ରତି ୧୦୦ କିଗ୍ରା ସୁପର ଫସ୍‌ଫେଟ୍ ସାର କିଁ। ୫୦ କି.ଗ୍ରା ଡ଼ିଏପି ସାର, ୧୫ କିଗ୍ରା ପଟାସ ସାର ୨-୩ ଟ୍ରାକ୍ଟର ସଢ଼ା ଗୋବର ଖତ ପ୍ରୟୋଗ କରି ମଞ୍ଜି ବୁଣାଯାଏ ।
- ବରସିମ୍, ଲୁସର୍ଣ୍ଣ ଘାସ ମଞ୍ଜିକୁ ମାଟିଗୁଣ୍ଡ କରି ଠିଆ ପାଣିରେ ବୁଣିଲେ ଅଧିକ ଅମଳ ମିଳିଥାଏ ।
- ଫସଲ ବୁଣିବାର ୨-୩ ସପ୍ତାହ ଅନ୍ତରରେ ଏକର ପ୍ରତି ୧୫-୨୦ କିଗ୍ରା ୟୁରିଆ ସାର ପ୍ରୟୋଗ କରାଯାଏ
- ସୋରଗମ୍ ଜାତୀୟ ଘାସ ଯାହାକି ଏକରୁ ଅଧିକ ଥର ଅମଳ ଦେଇଥାଏ ସେହି କ୍ଷେତ୍ରରେ ପ୍ରତ୍ୟେକ ଅମଳ ପରେ ୟୁରିଆ ସାର ପ୍ରୟୋଗ କରିବା ଆବଶ୍ୟକ

**ସମୟ ଅନୁସାରେ ଉତ୍ପାଦିତ ଘାସ**

ଋତୁକାଳୀନ ବହୁବର୍ଷୀୟ

**ଖାଦ୍ୟସାର ଅନୁସାରେ ଘାସ**

ଶସ୍ୟଜାତୀୟ
(ଅଧିକ ଶ୍ୱେତସାର ଯୁକ୍ତ)

ଛୁଇଁଜାତୀୟ
(ଅଧିକ ପୁଷ୍ଟିସାର ଯୁକ୍ତ)

**ଗାଈମାନଙ୍କୁ ଶସ୍ୟଜାତୀୟ ଘାସ ୨ ଭାଗ ଓ ଛୁଇଁ ଜାତୀୟ ଘାସ ୧ ଭାଗ ହିସାବରେ ଖୁଆଇଲେ ଅଧିକ ଲାଭ ମିଳିଥାଏ ।**


ମକା ଘାସ


ସୋରଗମ ଘାସ


ବାଜରା ଘାସ


ବରଗୁଡ ଘାସ

**ଋତୁକାଳୀନ ଘାସ ଚାଷ ପାଇଁ ଆବଶ୍ୟକ ବିହନ ପରିମାଣ ଓ ଘାସ ଉତ୍ପାଦନ ତାଲିକା**

| ଘାସର ନାମ | ବିହନ ପରିମାଣ (କି.ଗ୍ରା/ଏକର ) | ଅମଳ (କୁଇଣ୍ଟାଲ/ଏକର) |
|---|---|---|
| ମକା | ୨୦ | ୧୨୦ |
| ସୋରଗମ୍ | ୨୦ | ୧୫୦ |
| ବାଜରା | ୪୦ | ୧୦୦ |
| ଯବଧାନ | ୪୦ | ୧୨୦ |
| ବରଗୁଡ଼ି | ୧୫ | ୮୦ |
| ଗୁଆଁର | ୧୦ | ୮୦ |
| ବରସିମ | ୧୦ | ୧୫୦ |
| ଲୁସଣ୍ଡ | ୧୦ | ୧୫୦ |


ବରସିମ ଘାସ


ଲୁସଣ୍ଡ ଘାସ

**ସବୁଦିନିଆ ଘାସଚାଷ**

(ସଙ୍କର ହାତିଆ, ଗିନି, ପାରା, କଙ୍ଗୋସିଗ୍ନାଲ, ଷ୍ଟାଇଲୋ)

- ଜମି ପ୍ରସ୍ତୁତ ସମୟରେ ଏକର ପ୍ରତି ୨-୩ ଟ୍ରାକ୍ଟର ଟ୍ରଲି ସଢ଼ା ଗୋବର ଖତ, ୧୦୦ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ପେଟ୍ ୧୫ କିଗ୍ରା ପଟାସ ସାର ପ୍ରୟୋଗ କରାଯାଏ ।
- ସଙ୍କର ହାତିଆ, ଗିନି ଓ ପାରା ଇତ୍ୟାଦି ଘାସର ମୂଳ ବା କାଣ୍ଡ ଧାଡ଼ିରେ ରୋପଣ କରାଯାଏ ।
- ସଙ୍କର ହାତିଆ, ଗିନି ଇତ୍ୟାଦି ଉଚ୍ଚ ନିଗିଡ଼ା ଜମିରେ ଓ ପାରା ସନ୍ତସନ୍ତିଆ ଖାଲୁଆ ଜମିରେ ଭଲ ବଢ଼ିଥାଏ ।
- ମୂଳ ବା କାଣ୍ଡ ରୋପଣରେ ୨-୩ ସପ୍ତାହ ପରେ ଓ ପ୍ରତ୍ୟେକ ଅମଳ ପରେ ଏକର ପିଛା ୧୦-୨୦ କି.ଗ୍ରା. ୟୁରିଆ ସାର ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ ।
- ପ୍ରାୟ ୨ ମାସରେ ପ୍ରଥମ ଅମଳ ଓ ପ୍ରତି ୪୫-୫୦ ଦିନ ଅନ୍ତରରେ ପ୍ରାୟ ୩-୪ ବର୍ଷ ପର୍ଯ୍ୟନ୍ତ ଘାସ ଚାଷ ଅମଳ ମିଳିଥାଏ ।


ସଙ୍କର ହାତିଆ ଘାସ


ଗିନ ଘାସ


କଙ୍ଗୋସିଗ୍ନାଲ ଘାସ


ଷ୍ଟାଇଲୋ ଘାସ

**ଋତୁକାଳୀନ ଘାସ ଚାଷ ପାଇଁ ଆବଶ୍ୟକ ବିହନ ପରିମାଣ ଓ ଘାସ ଉତ୍ପାଦନ ତାଲିକା**

| ଘାସର ନାମ | କାଣ୍ଡ (ଏକରପ୍ରତି) ଖଣ୍ଡ | ଅମଳ (କୁଇଣ୍ଟାଲଏକର ପ୍ରତି) |
|---|---|---|
| ସଙ୍କର ହାତିଆ | ୧୦୦୦୦ | ୧୦୦୦ |
| ଗିନି | ୧୨୦୦୦ | ୩୫୦ |
| ପାରା | ୨୦୦୦୦ | ୩୫୦ |
| କଙ୍ଗୋସିଗ୍ନାଲ | ୧୫୦୦୦ | ୩୫୦ |

| ଘାସର ନାମ | ଲଗାଇବାର ସମୟ | ଅମଳ ସମୟ |
|---|---|---|
| ବରଗୁଡ଼ି | ଜୁନ୍, ଜୁଲାଇ, ଅକ୍ଟୋବର ଓ ନଭେମ୍ବର | ବୁଣିବାର ୭୫ ଦିନ ପରେ ଛୁଇଁ ଧରିବା ଅବସ୍ଥାରେ |
| ଗୁଆଁର | ଜୁନ୍‌ଓଜୁଲାଇ | ବୁଣିବାର ୭୦ ଦିନ ପରେ ଛୁଇଁ ଧରିବା ଅବସ୍ଥାରେ |
| ବରସିମ୍ | ଅକ୍ଟୋବର ନଭେମ୍ବର | ବୁଣିବାର ୬୦-୬୫ ଦିନ ପରେ |
| ଲୁସର୍ଣ୍ଣ | ଅକ୍ଟୋବର ଓ ନଭେମ୍ବର | ବୁଣିବାର ୪୦ ଦିନ ପରେ |
| ଦୀନାନାଥ | ଜୁନ୍ ଓ ଜୁଲାଇ | ବୁଣିବାର ୬୦ ଦିନ ପରେ |
| ହାଇବ୍ରିଡ୍ ନେପିଅର୍ | ଜୁନ୍‌ରୁ ଅଗଷ୍ଟ | ଫୁଲ ଉଡ଼େଇବା ସମୟରେ |
| ଗିନିଘାସ | ଜୁନ୍‌ରୁ ଅଗଷ୍ଟ | ଖରାଏବଂବର୍ଷା ଦିନେ |
| ପାରାଘାସ | ଜୁନ୍‌ରୁ ଅଗଷ୍ଟ | ଖରାଏବଂବର୍ଷା ଦିନେ |
| ମକା | ଜୁନ୍, ଜୁଲାଇ ଓ ନଭେମ୍ବର | ବୁଣିବାର ୬୦-୭୦ ଦିନ ପରେ କ୍ଷୀର ଢ଼ୋକିବା ସମୟରେ |
| ବାଜରା | ଜୁନ୍ ଓ ଜୁଲାଇ | ବୁଣିବାର ୬୦-୬୫ ଦିନ ପରେ |



**ଅଧିକ ବିବରଣୀ ପାଇଁ ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ – ୧, ଭଞ୍ଜନଗର**